# ଆମ ବିକାଶ ଯୋଜନା



୪

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା
## ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ
## ହରିଜନ ଓ ଆଦିବାସୀ କଲ୍ୟାଣ



cysd

# ଆମ ବିକାଶ ଯୋଜନା

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା**
**ଖାଦ୍ୟ,ଯୋଗାଣ ଓ ଖାଉଟି କଲ୍ୟାଣ**
**ହରିଜନ ଓ ଆଦିବାସୀ କଲ୍ୟାଣ**

cysd
...Enable - Empower - Include...

# ଆମ ବିକାଶ ଯୋଜନା

**ପ୍ରସ୍ତୁତି :**

ସି.ୱାଇ.ଏସ୍.ଡ଼ି.

**ପ୍ରକାଶକ :**

ସି.ୱାଇ.ଏସ୍.ଡ଼ି.

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ

ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧୦୧୩

**ପୃଷ୍ଠା ବିନ୍ୟାସ :**

ପ୍ରଜ୍ଞା ଗ୍ରାଫିକ୍ସ , ଲକ୍ଷ୍ମୀ ବିହାର, ଭୁବନେଶ୍ୱର - ୫

**ପ୍ରକାଶନ ସମୟ :**

୦୧ ଡ଼ିସେମ୍ବର ୨୦୦୯

**ସହଯୋଗ ରାଶି :**

୧୦୦/- ଟଙ୍କା ମାତ୍ର

(ସଂପୂର୍ଣ୍ଣ ସେଟ୍)

# ମୁଖବନ୍ଧ

ଲୋକଙ୍କ ପାଇଁ ଯୋଜନା । ଲୋକମାନେ ତାହା ଜାଣିବା ଉଚିତ୍ । ସରକାରୀ ସ୍ତରରେ ପ୍ରସ୍ତୁତ ହେଉଥିବା ଅନେକ ଯୋଜନା ବିଷୟରେ ସାଧାରଣ ଲୋକ ଆଦୌ ଜାଣିପାରନ୍ତି ନାହିଁ । ଲୋକଙ୍କୁ ଜଣାଇବା ସରକାରଙ୍କର ଯେତିକି ଦାୟିତ୍ୱ, ଯୋଜନାଗୁଡ଼ିକ ବିଷୟରେ ସବିଶେଷ ଜାଣିବା ସାଧାରଣ ଲୋକଟିର ମଧ୍ୟ ସେତିକି କର୍ତ୍ତବ୍ୟ । ଜନମଙ୍ଗଳ ରାଷ୍ଟ୍ର ହିସାବରେ ସରକାର ଜନତାର ସେବା ପାଇଁ ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ଦରକାର । ଠିକ୍ ସେହିପରି ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକମାନେ ସେତିକି ସମ୍ବେଦନଶୀଳ ହୋଇ ରାଷ୍ଟ୍ରର ଆଇନ କାନୁନ୍, ନୀତି ନିୟମ ଏବଂ ସମସ୍ତ ସରକାରୀ ବେସରକାରୀ ଯୋଜନା ବିଷୟରେ ଜାଣିବା ଅପରିହାର୍ଯ୍ୟ ।

ଆମେ ଆଗରୁ କହିଛୁ, ଜାଣିଲେ ଜିଣିବା । ନିଜର ବିକାଶର ଗତିକୁ ବଢ଼ାଇବା । ଆମ ରାଜ୍ୟର ସାଧାରଣ ଜନତା ଯେତେ ଅଧିକ ଜାଣିବେ ଓ ସରକାରୀ ଯୋଜନାକୁ ଯେତେ ଅଧିକ ସଠିକ୍ କାମରେ ଲଗାଇବେ, ଆମର ବିକାଶ ସେତେ ଅଧିକ ହେବ । ସରକାରୀ ସ୍ତରରେ ଅନେକ ବିଭାଗ ଅଛି । ଯେପରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଶକ୍ତି, ଶିଳ୍ପ, ସମବାୟ ଏହିପରି ଅନେକ । କିନ୍ତୁ ସାଧାରଣ ଜନତା ପାଇଁ ସମସ୍ତ ଯୋଜନା ବିଷୟରେ ଗୋଟିଏ କୌଣସି ସ୍ଥାନରୁ ବା ଗୋଟିଏ କୌଣସି ଉପାଦେୟ ପୁସ୍ତକରୁ ଜାଣିବାର ବ୍ୟବସ୍ଥା ନାହିଁ କହିଲେ ଚଳେ ।

ସାଧାରଣଲୋକଙ୍କର ଏହି ଅସୁବିଧାକୁ ଉପଲବ୍ଧି କରି ଏହାର ସମାଧାନ ପାଇଁ ସି.ଓ୍ୱାଇ.ଏସ୍.ଡ଼ି. ତରଫରୁ ଏକ ଲୋକାଭିମୁଖୀ ପଦକ୍ଷେପଟିଏ ନେବା ପାଇଁ ବିଚାର କରାଗଲା । ଯାହାର ଫଳସ୍ୱରୂପ ଜନ୍ମ ନେଲା କେତୋଟି ପୁସ୍ତିକାର ସମାହାର "ଆମ ବିକାଶ ଯୋଜନା" ।

ଲୋକ ଶାସନ ବିଭାଗର ପ୍ରମୁଖ ଡ଼ଃ ସୁରେନ୍ଦ୍ରନାଥ ଜେନା , କାର୍ଯ୍ୟକ୍ରମ ସଂଯୋଜିକା ଗୀତାରାଣୀ ଦାସ ଏବଂ ସମାଜସେବୀ ନିରାକାର ବେଉରାଙ୍କର ଉଦ୍ୟମ ଫଳରେ ଏହି କାର୍ଯ୍ୟଟି ସମ୍ଭବ ହୋଇପାରିଛି ।

୧୩ଟି ବିଭାଗର ଅନେକ ଯୋଜନା ଏହି ପୁସ୍ତିକା ସବୁରେ ସନ୍ନିବେଶିତ ହୋଇଛି । ଆହୁରି ଅନେକ ବିଭାଗର ଛୋଟ ବଡ଼ ଯୋଜନା ଆମମାନଙ୍କର ହସ୍ତଗତ ହୋଇପାରିନଥିବାରୁ ସଂଯୋଜନା ମଣ୍ଡଳୀ ସେହି ସବୁ ଯୋଜନାକୁ ଏହି ପୁସ୍ତିକାରେ ନେଇ ପାରିନାହାଁନ୍ତି । ଏଥିସହ ସରକାରଙ୍କର ଯୋଜନା ଅନେକ ସମୟରେ ପରିବର୍ତ୍ତନ ହୁଏ, ପରିବର୍ଦ୍ଧିତ ହୁଏ, ବନ୍ଦ ବି ହୋଇଯାଏ ଏବଂ ସାହାଯ୍ୟର ପରିମାଣରେ ହ୍ରାସ କିମ୍ବା ବୃଦ୍ଧି ଘଟିଥାଏ । ତେଣୁ ଏ ପୁସ୍ତିକା ପ୍ରତି ୨/୩ ବର୍ଷରେ ଥରେ ସଂଶୋଧନ ହେବା ନିତାନ୍ତ ଜରୁରୀ । ଏଥିସହ ଉକ୍ତ ପୁସ୍ତିକାଟି ପ୍ରକାଶିତ ହୋଇସାରିବା ପରେ ସରକାରୀ ସ୍ତରରେ ଯୋଜନାର ନକଲ ସାଧାରଣ ଲୋକଙ୍କୁ ଦେବାରେ ଯେଉଁ ଅନାଗ୍ରହ ଦେଖିବାକୁ ମିଳୁଥିଲା, ତାହା ଦୂର ହୋଇପାରିବ ବୋଲି ଆଶା କରାଯାଏ । ସରକାର ମଧ୍ୟ ଏ ଦିଗରେ ଯତ୍ନଶୀଳ ହୋଇ ଏହିପରି ପୁସ୍ତକ ଅଧିକ ସଂଖ୍ୟାରେ ପ୍ରକାଶ କରି ସାଧାରଣ ଲୋକଙ୍କୁ ପ୍ରଦାନ କଲେ ସରକାରଙ୍କ ଲକ୍ଷ୍ୟ ଅଧିକ ଫଳବତୀ ହୋଇପାରିବ ନିଶ୍ଚୟ ।

ପରିଶେଷରେ ଏହି ଉପାଦେୟ ପୁସ୍ତିକା ଗୁଚ୍ଛର ସଂପାଦନା ମଣ୍ଡଳୀ, ପ୍ରକାଶକ ଏବଂ ଏ ପୁସ୍ତିକାକୁ  ପାଠ କରି ଏଥିରୁ ଯେଉଁମାନେ ଲାଭାନ୍ୱିତ ହେବେ, ସେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା  ଜ୍ଞାପନ କରୁଛି ।

୦୧ ଡ଼ିସେମ୍ବର ୨୦୦୯

**ପ୍ରଫୁଲ୍ଲ କୁମାର ସାହୁ**
ଅଧ୍ୟକ୍ଷ
ସି.ୱାଇ.ଏସ୍.ଡ଼ି.

# ସୂଚୀପତ୍ର


*ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ*


- ବିପର୍ଯ୍ୟୟ ସହାୟତା ଯୋଜନା ୧
- ବିପର୍ଯ୍ୟୟ ସହାୟତା ଯୋଜନା ୩
- ବସୁନ୍ଧରା ଯୋଜନା ୪
- ମୋ ଜମି ମୋ ଡିହ ଅଭିଯାନ ୭

*ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ*

- ଅନ୍ନପୂର୍ଣ୍ଣା ଯୋଜନା ୯
- ଖାଦ୍ୟ ସହାୟତା ଯୋଜନା ୧୧
- ଅନ୍ତ୍ୟୋଦୟ ଅନ୍ନ ଯୋଜନା ୧୨

*ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ*

- ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଯୋଜନା ୧୪
- ମାଟ୍ରିକ-ପର ଛାତ୍ରବୃତ୍ତି ଯୋଜନା ୧୬
- ଛାତ୍ରାବାସ ଯୋଜନା ୧୮
- ଚାଷ ଜମି ଯୋଜନା ୨୦
- ସିଲିଂ ବହିର୍ଭୂତ ଚାଷ ଜମି ଯୋଜନା ୨୧
- ଘର ଡିହ ଯୋଜନା ୨୨
- ଓଟିଇଏଲ୍‌ପି ୨୩


ରାଜସ୍ୱ ଓ
ବିପର୍ଯ୍ୟୟ
ପରିଚାଳନା

# ବିପର୍ଯ୍ୟୟ ସହାୟତା ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ବନ୍ୟା, ବାତ୍ୟା, ମରୁଡି, ତୁଷାର ସ୍ଖଳନ, ଆକସ୍ମିକ ବୃଷ୍ଟିଝଡ, ଭୂମିକମ୍ପ, ସୁନାମି, ନିଆଁ, କୁଆପଥର, ଭୂମିସ୍ଖଳନ ଓ ପୋକ ମହାମାରୀ ଆଦି ଦୁର୍ବିପାକ ଜନିତ ଫସଲ କ୍ଷତିର ଭରଣା ପାଇଁ ବିପର୍ଯ୍ୟୟ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଏ। ବିପର୍ଯ୍ୟୟ ରିଲିଫ ପାଣ୍ଠିରୁ ସମୟାନୁଯାୟୀ ଥିବା ବ୍ୟବସ୍ଥାରୁ ୫୦% ଓ ତତୋଧିକ ଫସଲହାନିଜନିତ କ୍ଷତି ସହୁଥିବା କୃଷକ ମାନଙ୍କୁ କୃଷି ସାମଗ୍ରୀ ପ୍ରଦାନ କରାଯାଏ। ଫସଲ କ୍ଷତି ଆକଳନ ପାଇଁ ଗ୍ରାମକୁ ଏକକ ଭାବେ ଧରାଯାଏ। ଗୋଟିଏ ଗ୍ରାମରୁ ୫୦% ରୁ ଅଧିକ ଜମିର ୫୦% କିମ୍ବା ତତୋଧିକ ଫସଲ ହାନି ଘଟିଥିଲେ ସେ ଗ୍ରାମର ସମସ୍ତ ଜମିର ଫସଲ ରିହାତି ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଥାଏ। |
| *ସାହାଯ୍ୟର ପରିମାଣ* | |
| | ଅଣଜଳ ସେଚିତ ଜମି ହେକ୍ଟର ପ୍ରତି ଟ୨୦୦୦ |
| | ଜଳ ସେଚିତ ଜମି ହେକ୍ଟର ପ୍ରତି ଟ୪୦୦୦ |
| | ସର୍ବନିମ୍ନ କ୍ଷତିପୂରଣ ୨୫୦ ଟଙ୍କା |
| | ୫୦% ବା ତତୋଧିକ ଫସଲ ହାନି ହୋଇଥିବା ପ୍ରତି କୃଷକକୁ ସରକାରଙ୍କ ଘୋଷଣା ଅନୁସାରେ ସହାୟତା ଦିଆଯାଏ । |
| *ହିତାଧିକାରୀଙ୍କ ଯୋଗ୍ୟତା* | ସମସ୍ତ କ୍ଷତିଗ୍ରସ୍ତ ଚାଷୀ । |
| *ଆବେଦନ ପ୍ରଣାଳୀ* | ଗ୍ରାମ୍ୟ କୃଷି କର୍ମଚାରୀ/ କୃଷି ଓଭରସିଅର/ ସହକାରୀ |

କୃଷି ଅଧିକାରୀ/ ଉପକୃଷି ନିର୍ଦ୍ଦେଶକ/ ଜିଲ୍ଲା କୃଷି ଅଧିକାରୀ/ ସହକାରୀ କୃଷି ନିର୍ଦ୍ଦେଶକ ୦୬୭୪-୨୩୨୩୩୯୩ , ଯୁଗ୍ମ କୃଷି ନିର୍ଦ୍ଦେଶକ (ଫାର୍ମ ଓ ବିହନ) ଫୋ- ୦୬୭୪-୨୩୨୩୩୬୭

| | |
|---|---|
| ***ଚିହ୍ନଟ ପ୍ରକ୍ରିୟା*** | ଗୋଟିଏ ଗ୍ରାମର ୫୦% ରୁ ଅଧିକ ଜମିର ୫୦% କିମ୍ବା ତାଠାରୁ ଅଧିକ କ୍ଷତି ହୋଇଥିବା ପ୍ରମାଣ । |
| ***ସାହାଯ୍ୟକାରୀ ଅଧିକାରୀ*** | ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଓ କନିଷ୍ଠ କୃଷିଅଧିକାରୀ ମିଳିତ ଭାବେ ସାହାଯ୍ୟ ପ୍ରଦାନ ପାଇଁ ଦାୟିତ୍ୱ ବହନ କରିଥାନ୍ତି । |
| ***ଅଭିଯୋଗ ପ୍ରଣାଳୀ*** | ଜିଲ୍ଲାପାଳ କିମ୍ବା ଜିଲ୍ଲା ଆପଦ୍‌କାଳୀନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇପାରିବ । |

□□□

# ବିପର୍ଯ୍ୟୟ ସହାୟତା ଯୋଜନା
## (ବାସଗୃହ ଓ ଆସବାସପତ୍ର ନଷ୍ଟ ସମ୍ପର୍କୀୟ)

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାରଙ୍କ ଥଇଥାନ ପାଇଁ ଆର୍ଥିକ ସାହାଯ୍ୟ। ଏହି ଯୋଜନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇ ଆସୁଅଛି। |
| *ହିତାଧିକାରୀଙ୍କ ଯୋଗ୍ୟତା* | ଘରପୋଡି ଓ ପ୍ରାକୃତିକ ବିପର୍ଯ୍ୟୟରେ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ ସାହାଯ୍ୟ ପାଇବା ପାଇଁ ହକ୍‌ଦାର ହୋଇପାରିବ। |
| *ହିତାଧିକାରୀଙ୍କ ଚିହ୍ନଟ* | ସ୍ଥାନୀୟ ତହସିଲଦାର କିମ୍ବା ତାଙ୍କ ପ୍ରତିନିଧିଙ୍କ ଦ୍ୱାରା ହିତାଧିକାରୀଙ୍କୁ ଚିହ୍ନଟ କରାଯିବ |
| *ସାହାଯ୍ୟର ପରିମାଣ* | ସଂପୂର୍ଣ୍ଣ ନଷ୍ଟ ହୋଇଥିବା ପକ୍କାଘର ପାଇଁ ଟ୨୫,୦୦୦/-<br>ସଂପୂର୍ଣ୍ଣ ନଷ୍ଟ ହୋଇଥିବା ମାଟିଘର ପାଇଁ ଟ ୧୦,୦୦୦/-<br>ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ - ଟ ୧୫୦୦/-<br>କୁଡ଼ିଆ (ମାଟିଘର ଠାରୁ ନ୍ୟୁନ) ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ - ଟ ୨୦୦୦/-<br>ଲୁଗା ନଷ୍ଟ ହୋଇଥିଲେ - ଟ ୧୦୦୦/- |

| | |
|---|---|
| | ବାସନ ଓ ଆସବାବାପତ୍ର ନଷ୍ଟ ହୋଇଥିଲେ - ଟ ୧୦୦୦/- |
| ***ସାହାଯ୍ୟକାରୀ ଅଧିକାରୀ*** | ସ୍ଥାନୀୟ ତହସିଲଦାର |
| ***ଅଭିଯୋଗ ପ୍ରଣାଳୀ*** | ଜିଲ୍ଲାପାଳ କିମ୍ବା ଜିଲ୍ଲା ଆପଦକାଳୀନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇପାରିବ। |

□□□

# ବସୁନ୍ଧରା ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ଓଡିଶାରେ ବାସ କରୁଥିବା ଘରଡିହ ଶୂନ୍ୟ ପରିବାରକୁ ବାସପଯୋଗୀ ଜମି ଯୋଗାଇ ଦେବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଓଡିଶା ସରକାରଙ୍କ ଭୂ-ବନ୍ଦୋବସ୍ତ ଆଇନ ୧୯୬୨ ଏବଂ ଏହାର ନିୟମ ୧୯୮୩ ରେ ପ୍ରଣୟନ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଘରଡିହ ନଥିବା ଅନେକ ପରିବାର କାଳାତିପାତ କରୁଥିଲେ । ଘରଡିହ ନଥାଇ ବଞ୍ଚିବାର ସମସ୍ୟାକୁ ସମାଧାନ କରିବାକୁ ଯାଇ ରାଜ୍ୟ ସରକାର ଏହି ବସୁନ୍ଧରା ଯୋଜନା ୨୦୦୫ ରୁ ୨୦୦୮ ମଧ୍ୟରେ ଘରଡିହ ଶୂନ୍ୟ ସବୁ ପରିବାରକୁ ଘରଡିହ ପଟ୍ଟା ଯୋଗାଇ ଦେବାର ଲକ୍ଷ୍ୟ କରାଯାଇଥିଲା । କିନ୍ତୁ ୨୦୦୮ରେ ନସରିବାରୁ ଏହାର ସମୟ ଅବଧିକୁ ବଢ଼ାଇ ଦିଆଯାଇଛି ଓ ବର୍ତ୍ତମାନ ଏହି କାର୍ଯ୍ୟ ଅଧିକ ବେଗରେ ଚାଲିଛି ।

*ହିତାଧିକାରୀଙ୍କ ଯୋଗ୍ୟତା*

ଘରଡିହ ଶୂନ୍ୟ ପରିବାର ।

ଗାଁର ବାସିନ୍ଦା ହୋଇଥିବେ ।

ଅନ୍ୟ କୌଣସି ସ୍ଥାନରେ ଘରଡିହ ନଥିବ ।

ବିପିଏଲ୍ ଅନ୍ତର୍ଭୁକ୍ତ ହୋଇଥିବେ ।

ବାର୍ଷିକ ଆୟ ୨୦ ହଜାରରୁ ଉର୍ଦ୍ଧ୍ୱ ହୋଇନଥିବ ।

*ଆବେଦନ ପ୍ରଣାଳୀ*

ଭୂ-ବନ୍ଦୋବସ୍ତ ଆଇନ-୧୯୬୨ ନିୟମ ୩(୧) ଅନୁଯାୟୀ ଏକ ଫର୍ମ ପୂରଣ କରି ନିଜ ଦସ୍ତଖତ ସହ ବିପିଏଲ୍ କାର୍ଡ ଓ ଭୋଟର ପରିଚୟ ପତ୍ରର ନକଲ ସେହି

ଫର୍ମରେ ଗୁନ୍ଥି ଆର୍‌ଆଇଙ୍କ ପାଖରେ ଦାଖଲ କରିବାକୁ ପଡିବ ।

***ଚିହ୍ନଟ ପ୍ରକ୍ରିୟା***

ଆବେଦନ ଫର୍ମ ମିଳିସାରିବା ପରେ ଆର୍‌ଆଇ ସରଜମିନ ତଦନ୍ତ କରିବେ । ଏଥିସହ ଯେଉଁ ସ୍ଥାନରେ ଜମି ଆବେଦନକାରୀଙ୍କୁ ପ୍ରଦାନ କରାଯାଇପାରିବ, ତାହାର ନକ୍ସା, ଆବେଦନ ଫର୍ମ ଓ ସରଜମିନ ତଦନ୍ତ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିବେ ।

ତହସିଲଦାର ଉପରୋକ୍ତ ଫର୍ମ, ରିପୋର୍ଟ ଦେଖିସାରିବା ପରେ ସ୍ଥାନୀୟ ସରପଞ୍ଚ ଓ ସର୍ବସାଧାରଣଙ୍କ ପାଇଁ ନୋଟିସ ପ୍ରଣୟନ କରିବେ ।

ଯଦି ଉପରୋକ୍ତ ଘରଡିହ ବଣ୍ଟନ ପାଇଁ କାହାର ଅଭିଯୋଗ ଥିବ, ତେବେ ସେ ଉପରୋକ୍ତ ନୋଟିସ ପଢ଼ି ୩୦ ଦିନ ମଧ୍ୟରେ ଅଭିଯୋଗ କରିବାର ଅବସର ପାଇବେ ।

ଏହାପରେ ଅଭିଯୋଗ ନଆସିଲେ ଆବେଦନକାରୀଙ୍କୁ ପଟ୍ଟାପ୍ରଦାନ କରାଯିବ ।

***ସାହାଯ୍ୟର ପରିଣାମ***

ସେହି ସ୍ଥାନର ଜମି ଉପଲବ୍ଧତାକୁ ନେଇ ୪ ରୁ ୧୦ ଡିସିମିଲ ପର୍ଯ୍ୟନ୍ତ ଜମି ଘରଡିହ ଆକାରରେ ଯୋଗାଇ ଦଆଯିବ ।

***କାର୍ଯ୍ୟକାରୀ ଅଧିକାରୀ***

ପ୍ରଥମ ଆବେଦନ ଆରଆଇଙ୍କ ପାଖରେ ନିକଟସ୍ଥ ତହସିଲଦାର, ତହସିଲ କାର୍ଯ୍ୟାଳୟ

***ଅଭିଯୋଗ ଦାଖଲ***

ତହସିଲଦାରଙ୍କ ପାଖରେ ଅଭିଯୋଗ ଦାଖଲ ହୋଇଥାଏ । ଏହି ଅଭିଯୋଗର ନକଲ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇପାରିବ ।

# 'ମୋ ଜମି ମୋ ଡିହ' ଅଭିଯାନ

*ଯୋଜନାର ଉଦ୍ଦେଶ୍ୟ*


୨୦୦୭ ମସିହାରେ ଏହି ଅଭିଯାନ ଆରମ୍ଭ କରାଯାଇଛି । ସାଧାରଣତଃ ବସୁନ୍ଧରା ଯୋଜନା କ୍ରମରେ ଅନେକ ପରିବାରଙ୍କୁ ପଟ୍ଟା ଦଆଯାଇଥିଲେ ମଧ୍ୟ ସେମାନେ ତାହାର ମାଲିକାନା ପାଇନଥାନ୍ତି । ଅନ୍ୟ କେତେକ ସ୍ଥାନରେ ଲୋକମାନେ ଘର କରି ରହିଥିଲେ ମଧ୍ୟ ସେମାନଙ୍କ ପାଖରେ ତାଙ୍କ ଘରଡିହ ପଟ୍ଟା ନଥାଏ । ଏ ସମସ୍ତ ସମସ୍ୟାର ସମାଧାନ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାରର ଘରକୁ ଅଧିକ ବାସଉପଯୋଗୀ କରାଇବା ପାଇଁ ଏହି ଅଭିଯାନରେ ଧ୍ୟାନ ଦିଆଯାଇଥାଏ ।


*କାର୍ଯ୍ୟର ରୂପରେଖ*

ମୋ ଜମି ମୋ ଡିହ ମେଳାରେ ଯେଉଁମାନେ ସେମାନଙ୍କ ଜମି ସଂକ୍ରାନ୍ତୀୟ ଯେ କୌଣସି ସମସ୍ୟା ବିଷୟରେ ଜଣାନ୍ତି ତାହାର ସମାଧାନ କରାଯାଏ । ଜମି ପଟ୍ଟା ବଣ୍ଟନ କରାଯାଏ । ବେଆଇନ ରୂପେ ଆଦିବାସୀ ଓ ହରିଜନଙ୍କ ଜମି ହସ୍ତାନ୍ତରିତ ହୋଇଥିଲେ ତାହାକୁ ଫେରାଇ ଆଣିବା ପାଇଁ ମଧ୍ୟ ଚେଷ୍ଟା କରାଯାଏ ।

*କାର୍ଯ୍ୟକାରୀ ଅଧିକାରୀ*

ଆର୍‌ଆଇ ଓ ତହସିଲଦାର । ନିକଟସ୍ଥ ତହସିଲ କାର୍ଯ୍ୟାଳୟ ।





# ଖାଦ୍ୟ,ଯୋଗାଣ
# ଓ
# ଖାଉଟି କଲ୍ୟାଣ

# ଅନ୍ନପୂର୍ଣ୍ଣା ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଏବଂ ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ବି.ପି.ଏଲ୍ ତାଲିକାଭୁକ୍ତ ଅସହାୟ ବୃଦ୍ଧ, ବୃଦ୍ଧା ନିଃସହାୟ ଲୋକମାନଙ୍କ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ। ଏହି ଯୋଜନା ଓଡିଶା ସରକାରଙ୍କର ଖାଦ୍ୟ, ସାଧାରଣ ବଣ୍ଟନ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇ ଆସୁଅଛି।

*ହିତାଧିକାରଙ୍କ ଯୋଗ୍ୟତା*

ବିପିଏଲ୍ ତାଲିକାଭୁକ୍ତ ହୋଇଥିବେ। ଅସହାୟ, ଅକର୍ମଣ୍ୟ, ବାର୍ଦ୍ଧକ୍ୟ ଓ ନିଃସ୍ୱ ହୋଇଥିବେ। ତାଙ୍କୁ ସାହାଯ୍ୟ କରିବା ପାଇଁ ପରିବାରର କୌଣସି ସଦସ୍ୟ ନଥିବେ । ହିତାଧିକାରୀଙ୍କ ବୟସ ୬୫ ବା ତଦୁର୍ଦ୍ଧ୍ୱ ହେଉଥିବ।

*ଆବେଦନ ପ୍ରଣାଳୀ*

ଏକ ସାଧାକାଗଜରେ ନିଜର ନାମ ଠିକଣା, ବୟସ ଓ ବିପିଏଲ୍ ଇତ୍ୟାଦି ଲେଖା ଥାଇ ସରପଞ୍ଚଙ୍କୁ ପ୍ରଦାନ କରାଯିବ, ସେଥିରେ ୱାର୍ଡ ସଭ୍ୟଙ୍କର ସୁପାରିଶ ଓ ନିର୍ବାହୀ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ରହିବା ବାଞ୍ଛନୀୟ। ଦରଖାସ୍ତ ଓ ତଦନ୍ତ ରିପୋର୍ଟ ମିଳିବା ପରେ ପଲ୍ଲୀ ସଭାରେ ଉପସ୍ଥାପନ କରାଯିବ ଓ ଆବଶ୍ୟକ ହେଲେ ଗ୍ରାମସଭାରେ ମଧ୍ୟ ଅନୁମୋଦନ କରାଯାଇପାରେ।

*ଚିହ୍ନଟ ପ୍ରକ୍ରିୟା*

ଗ୍ରାମପଞ୍ଚାୟତ ଦ୍ୱାରା ପଲ୍ଲୀସଭାରେ ଚିହ୍ନଟ କରାଯିବ ।

| | |
|---|---|
| *ସାହାଯ୍ୟର ପରିମାଣ* | ହିତାଧିକାରୀମାନଙ୍କୁ ମାସକୁ ୧୦ କିଲୋ ଚାଉଳ ଦିଆଯିବ। ଗ୍ରା.ପ. କାର୍ଯ୍ୟାଳୟରେ ପ୍ରତିମାସରେ ୧୫ ତାରିଖରେ ଦିଆଯାଇଥାଏ । |
| *ସାହାଯ୍ୟକାରୀ ଅଧିକାରୀ* | ମଣ୍ଡଳ ଉନ୍ନୟନ ଅଧିକାରୀ । |
| *ଅଭିଯୋଗ ଦାଖଲ* | ମଣ୍ଡଳ ଉନ୍ନୟନ ଅଧିକାରୀ/ ଜିଲ୍ଲାପାଳଙ୍କ ନିକଟରେ ସାଧା କାଗଜରେ ଅଭିଯୋଗ ଦାଖଲ କରାଯାଇପାରିବ। |



# ଖାଦ୍ୟ ସହାୟତା ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ଅନ୍ନପୂର୍ଣ୍ଣ ଓ ଅନ୍ତ୍ୟୋଦୟ ଯୋଜନାରେ ସହାୟତା ମିଳୁଥିବା ହିତାଧିକାରୀଙ୍କୁ ବାଦ ଦେଇ ଅନ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ଖାଦ୍ୟ ସହାୟତା ଦିଆଯାଇଥାଏ । |
| *ହିତାଧିକାରଙ୍କ ଯୋଗ୍ୟତା* | ସମସ୍ତ ଖାଉଟି କାର୍ଡ଼ଧାରୀ । |
| *ଆବେଦନ ପ୍ରଣାଳୀ* | ଆବେଦନର ଆବଶ୍ୟକ ନାହିଁ । |
| *ଚିହ୍ନଟ ପ୍ରକ୍ରିୟା* | ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ପଡିକାର୍ଡ଼ ଧାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । |
| *ସାହାଯ୍ୟର ପରିମାଣ* | **ବି.ପି.ଏଲ୍. ପରିବାର** - ୨୫ କିଲୋ ଚାଉଳ କିଗ୍ରା ପ୍ରତି ୨ ଟଙ୍କା, ୨ କିଲୋଗ୍ରାମ ଚିନି ଟ ୧୩.୫୦ପ. ଓ ୪ ଲିଟର କିରାସିନି ଲିଟର ପ୍ରତି ଟ ୯.୩୦ରୁ ଟ ୧୦.୫୦ (ସ୍ଥଳ ବିଶେଷରେ) ପ୍ରତି ମାସରେ ଆବଣ୍ଟନ ହୋଇଥାଏ ।<br><br>**ଏ.ପି.ଏଲ. ପରିବାର** - କେବିକେ ଜିଲ୍ଲାର ସମସ୍ତ ଏ.ପି.ଏଲ. ପରିବାରଙ୍କୁ ମାସକୁ ୨୫ କିଲୋଗ୍ରାମ ଚାଉଳ କିଗ୍ରା.ପ୍ରତି ଟ୨.୦୦ ଦରରେ ଓ ଅନ୍ୟ ଜିଲ୍ଲାର ଏ.ପି.ଏଲ. ପରିମାରମାନଙ୍କୁ ୨୫ କିଲୋ ଗ୍ରା.ମ. ଚାଉଳ କିଗ୍ରା. ପ୍ରତି ଟ୯.୩୦ ଦରରେ ଓ ସମସ୍ତ ଏ.ପି.ଏଲ ପରିବାରକୁ ୧୫ କି.ଗ୍ରା. ଗହମ ଟ. ୭.୦୦ ଦରରେ ଯୋଗାଇ ଦିଆଯିବ । |
| *ସାହାର୍ଯ୍ୟକାରୀ ଅଧିକାରୀ* | ମଣ୍ଡଳ ଉନ୍ନୟନ ଅଧିକାରୀ |
| *ଅଭିଯୋଗ ଦାଖଲ* | ମଣ୍ଡଳ ଉନ୍ନୟନ ଅଧିକାରୀ / ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇ ପାରିବ । |

* * *

# ଅନ୍ତ୍ୟୋଦୟ ଅନ୍ନ ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ଗରିବ ପରିବାରମାନଙ୍କର କ୍ଷୁଧାମୁକ୍ତି କରିବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନା ଓଡିଶା ସରକାରଙ୍କର ଖାଦ୍ୟ, ସାଧାରଣ ବଣ୍ଟନ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇ ଆସୁଅଛି।

*ହିତାଧିକାରୀଙ୍କ ଯୋଗ୍ୟତା*

୧. ହିତାଧିକାରୀ ଜଣେ ଭୂମିହୀନ ଶ୍ରମିକ ହୋଇଥିବେ।

୨. ଉପର ବର୍ଣ୍ଣିତ ପରିବାର ମଧ୍ୟରେ ମହିଳା ମୁଖ୍ୟ ପରିବାର ମାନଙ୍କୁ ଅଗ୍ରାଧିକାର ଦିଆଯାଇଥାଏ

୩. ପରିବାର ମଧ୍ୟରେ ଯଦି ବିକଳାଙ୍ଗ ସଭ୍ୟ ରହିଥାନ୍ତି ତେବେ ସେ ପରିବାର ମଧ୍ୟ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ପାଇପାରିବେ ।

୪. ଯେଉଁ ପରିବାର ବାର୍ଦ୍ଧକ୍ୟ/ ବିଧବା ଭତ୍ତା ପାଉଥିବେ, ସେମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ ।

୫. ଲାଭଜନକ ବ୍ୟବସାୟ/ପକ୍କାଘର/ମୋଟର ସାଇକେଲ/ଲୁନା/ଅନ୍ୟ ଯନ୍ତ୍ରଚାଳିତ ଯାନ ମାଲିକାନା ଥିବା ପରିବାର ଏହି ସାହାଯ୍ୟରୁ ବଞ୍ଚିତ ହେବେ।

*ଚିହ୍ନଟ ପ୍ରକ୍ରିୟା*

ଗ୍ରାମପଞ୍ଚାୟତ ଦ୍ୱାରା ହିତାଧିକାରୀ ତାଲିକା ପଲ୍ଲୀସଭା ମାଧ୍ୟମରେ ସ୍ଥିର କରାଯିବ । ପଲ୍ଲୀସଭା ପୂର୍ବରୁ ପ୍ରତ୍ୟେକ ଗ୍ରା.ପ ରାଜସ୍ୱ ଗ୍ରାମ ପାଇଁ ଏକ ଅସ୍ଥାୟୀ ତାଲିକା ପ୍ରସ୍ତୁତ କରିବ ଏବଂ ଏହି ତାଲିକା ପଲ୍ଲୀସଭାରେ ଉପସ୍ଥାପନ କରାଯାଇ ଚୂଡାନ୍ତ ତାଲିକା ଗ୍ରାମସଭାରେ ଅନୁମୋଦନ କରାଯିବ।

| | |
|---|---|
| ***ସାହାଯ୍ୟର ପରିମାଣ*** | ଏହି ଯୋଜନାରେ ଚୟନ ହୋଇଥିବା ହିତାଧିକାରୀ ପରିବାରଙ୍କୁ ମାସକୁ ୩୫ କିଲୋ ଚାଉଳ ଟ୨.୦୦ ଙ୍କା ଦରରେ ଯୋଗାଇ ଦିଆଯିବ। ଚିନି ୨କିଲୋଗ୍ରାମ ଟ୧୩.୫୦, କିରାସିନି ୪ଲିଟର ଟ୧୦.୫୦ ମଧ୍ୟରେ ଯୋଗାଇ ଦିଆଯିବ । |
| ***ସାହାଯ୍ୟକାରୀ ଅଧିକାରୀ*** | ମଣ୍ଡଳ ଉନ୍ନୟନ ଅଧିକାରୀ । |
| ***ଆବେଦନ ପ୍ରଣାଳୀ*** | ସାଧା କାଗଜରେ ନିଜର ନାମ, ଗ୍ରାମ ଓ ଠିକଣା ସହ ପରିବାର ଅବସ୍ଥା ସୂଚାଇ ଏକ ଦରଖାସ୍ତ ଗ୍ରା.ପର ସରପଞ୍ଚଙ୍କୁ ଦିଆଯିବ ଯେଉଁଥିରେ ୱାର୍ଡସଭ୍ୟ/ସଭ୍ୟା କିମ୍ବା ନିର୍ବାହୀ ଅଧିକାରୀଙ୍କ ସୁପାରିଶ ରହିବା ବାଞ୍ଛନୀୟ। |
| ***ଅଭିଯୋଗ ପ୍ରଣାଳୀ*** | ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦରଖାସ୍ତ ଦାଖଲ କରାଯିବ। |





# ହରିଜନ ଓ ଆଦିବାସୀ କଲ୍ୟାଣ

# ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ମାଟ୍ରିକ-ପୂର୍ବ ବୃତ୍ତି ଯୋଜନା ଗରିବ ପରିବାରର ପ୍ରତ୍ୟେକ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଦେବା ପାଇଁ ସ୍ଥିର କରାଯାଇଛି । ଯେଉଁ ପରିବାରର ବାର୍ଷିକ ରୋଜଗାର ଅନ୍ୟୁନ ଏକଲକ୍ଷ ଟଙ୍କାରୁ କମ୍/ଆୟକର ଦାତା ପରିବାର ନୁହଁନ୍ତି, ସେହି ପିଲାମାନଙ୍କୁ ଏହା ମିଳିପାରିବ । ଏହା ଷଷ୍ଠରୁ ଦଶମ ଶ୍ରେଣୀର ସମସ୍ତ ପୁଅ ବା ଝିଅଙ୍କ ପାଇଁ ଉଦ୍ଦିଷ୍ଟ । ଦିବାଧାୟୀ ଓ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଅଲଗା ଅଲଗା ବୃତ୍ତି ବ୍ୟବସ୍ଥା କରାଯାଇଛି । |
| *ହିତାଧିକାରୀ ଙ୍କ ଯୋଗ୍ୟତା* | ସମସ୍ତ ପରିବାରର ପିଲା ଯାହାର ବା ଯେଉଁ ପରିବାରର ବାର୍ଷିକ ଆୟ ଏକ ଲକ୍ଷ ଟଙ୍କାରୁ କମ୍ ଓ ସେ ପରିବାର ଆୟକର ଦେଉନଥିବ । |
| *ଆବେଦନ ପ୍ରଣାଳୀ* | ଶିକ୍ଷାନୁଷ୍ଠାନ ମାଧ୍ୟମରେ । |
| *ଚିହ୍ନଟ ପ୍ରକ୍ରିୟା* | ବାର୍ଷିକ ଆୟର ପ୍ରମାଣପତ୍ର ଦେଖିସାରିବା ପରେ |
| *ସାହାଯ୍ୟର ପରିମାଣ* | ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ବାଳକମାନଙ୍କୁ ମାସକୁ ୫୦୦ ଟଙ୍କା ହିସାବରେ ୧୦ ମାସ । ବାଳିକାମାନଙ୍କୁ ମାସକୁ ୫୩୦ ଟଙ୍କା ହିସାବରେ ୧୦ ମାସ ।<br>ଷଷ୍ଠ ସପ୍ତମ ଶ୍ରେଣୀ ପାଇଁ ଦିବାଧାୟୀ ବାଳକମାନଙ୍କୁ ବାର୍ଷିକ ୧୦୦ ଟଙ୍କା ଓ ବାଳିକାମାନଙ୍କୁ ୧୫୦ ଟଙ୍କା । ଅଷ୍ଟମରୁ ଦଶମ ଶ୍ରେଣୀ ଦିବାଧାୟୀ ବାଳକମାନଙ୍କୁ ବାର୍ଷିକ ୧୫୦ ଟଙ୍କା ଓ ବାଳିକାମାନଙ୍କୁ ୨୦୦ |
| *ସାହାଯ୍ୟକାରୀ ଅଧିକାରୀ* | ଜିଲ୍ଲା ମଙ୍ଗଳ ଅଧିକାରୀ, ଆଦିବାସୀ ହରିଜନ କଲ୍ୟାଣ ବିଭାଗ, ଓଡିଶା । |
| *ଅଭିଯୋଗ ଦାଖଲ* | ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବ । |

# ମାଟ୍ରିକ-ପର ଛାତ୍ରବୃତ୍ତି ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ଉଚ୍ଚତର ଶିକ୍ଷା ସମସ୍ତ ଆଦିବାସୀ ଓ ହରିଜନ ଦରିଦ୍ର ପରିବାରଙ୍କ ନିକଟରେ ଉପଲବ୍ଧ କରାଇବା ପାଇଁ ମାଟ୍ରିକ-ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଅଛି । ଏହି ଛାତ୍ରବୃତ୍ତି ପାଇଁ ମଧ ଗରିବ ପରିବାରମାନେ ଯୋଗ୍ୟ ହେବେ । ଯେଉଁ ପରିବାରର ବାର୍ଷିକ ଆୟ ଏକ ଲକ୍ଷଟଙ୍କାରୁ କମ୍ ବା ସେମାନେ ଆୟକର ଦେଉନଥିବେ । |
| *ହିତାଧିକାରୀ ଙ୍କ ଯୋଗ୍ୟତା* | ସମସ୍ତ ପରିବାରର ପିଲା ଯାହାର ବା ଯେଉଁ ପରିବାରର ବାର୍ଷିକ ଆୟ ଏକ ଲକ୍ଷ ଟଙ୍କାରୁ କମ୍ ଓ ସେ ପରିବାର ଆୟକର ଦେଉନଥିବ । |
| *ଆବେଦନ ପ୍ରଣାଳୀ* | ଶିକ୍ଷାନୁଷ୍ଠାନ ମାଧ୍ୟମରେ । |
| *ଚିହ୍ନଟ ପ୍ରକ୍ରିୟା* | ବାର୍ଷିକ ଆୟର ପ୍ରମାଣପତ୍ର ଦେଖିସାରିବା ପରେ । |
| *ସାହାଯ୍ୟର ପରିମାଣ* | ସ୍ନାତକ ଏବଂ ସ୍ନାତକୋତ୍ତର (ଏମ୍‌ଫିଲ/ ପିଏଚଡି/ ମେଡିକାଲ ଇଞ୍ଜିନିୟରିଂ/ ଟେକ୍/କୃଷି ଓ ଅନ୍ୟାନ୍ୟ କୋର୍ସ) ର ହଷ୍ଟେଲ ଛାତ୍ର ଛାତ୍ରୀଙ୍କୁ ୭୪୦ ଟଙ୍କା ଓ ଦିବାଧାୟୀ ଛାତ୍ରଛାତ୍ରୀଙ୍କୁ ୩୩୦ଟଙ୍କା । <br> ଅନ୍ୟାନ୍ୟ ଯାନ୍ତ୍ରିକ ଓ ବୃତ୍ତିଗତ କୋର୍ସ (ସ୍ନାତକ ଓ ସ୍ନାତକୋତ୍ତର ଯେଉଁଗୁଡିକ ଉପରଲିଖିତରେ ଯାଇନାହିଁ ଯଥା: ସି.ଏ./ ଆଇସିଡବ୍ଲୁଏ/ସି.ଏସ. ଇତ୍ୟାଦି ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଡିପ୍ଲୋମା ସାର୍ଟିଫିକେଟ କୋର୍ସ)ର ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀମାନଙ୍କୁ ୫୧୦ ଟଙ୍କା ଓ ଦିବାଧାୟୀ ଛାତ୍ରଛାତ୍ରୀଙ୍କୁ ୩୩୦ ଟଙ୍କା । |

ଅନ୍ୟାନ୍ୟ ସ୍ନାତକ ବା ତଦୁପରିସ୍ଥ ଡିଗ୍ରୀ ଯାହା ଉପର ଦୁଇ ଗ୍ରେଡରେ ଯାଇନାହିଁ , ସେହି ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ୩୫୫ ଟଙ୍କା ଓ ଦିବାଧାୟୀ ଛାତ୍ରଛାତ୍ରୀଙ୍କୁ ୧୮୫ ଟଙ୍କା ।

ଏକାଦଶ ଓ ଦ୍ୱାଦଶ (୧୦+୨) ଆଇଟିଆଇ/ ଧନ୍ଦାମୂଳକ ଶିକ୍ଷା (ନିମ୍ନତମ ଯୋଗ୍ୟତା ମାଟ୍ରିକ)ର ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ୨୩୫ ଟଙ୍କା ଦିବାଧାୟୀ ଛାତ୍ରଛାତ୍ରୀଙ୍କୁ ୧୪୦ ଟଙ୍କା ।

☺☺☺

**ସାମାଜିକ ସୁରକ୍ଷା ଯୋଜନା ଯେତେ**
**ଗରିବ ଅସହାୟର ଲାଗଇ ହିତେ**

# ଛାତ୍ରାବାସ ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ସମସ୍ତ ଆଦିବାସୀ ଓ ହରିଜନ ବର୍ଗର ଦରିଦ୍ର ଓ ନିଃସ୍ୱ ଛାତ୍ରଛାତ୍ରୀମାନଙ୍କ ପାଇଁ ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ୧୮୧ଟି ବାଳିକା ଛାତ୍ରାବାସ/କନ୍ୟାଶ୍ରମ ଓ ୬୭ଟି ବାଳକ ଛାତ୍ରାବାସ ବା ବାଳାଶ୍ରମ ଖୋଲିଛନ୍ତି। ଏଥିରେ ଉଚ୍ଚ ବା ଉଚ୍ଚତର ଶିକ୍ଷାପ୍ରାପ୍ତି ପାଇଁ ଛାତ୍ରଛାତ୍ରୀମାନେ ରହି ଅଧ୍ୟୟନ କରିପାରିବେ।

*ହିତାଧିକାରୀଙ୍କ ଯୋଗ୍ୟତା*

ସମସ୍ତ ଶିକ୍ଷାର୍ଥୀ ବା ପ୍ରଶିକ୍ଷାର୍ଥୀ ।

*ହିତାଧିକାରୀ ଚିହ୍ନଟ*

ଶିକ୍ଷାନୁଷ୍ଠାନ ମାଧ୍ୟମରେ ।

*ସାହାଯ୍ୟର ପରିମାଣ*

ତା ୦୧.୦୮.୨୦୦୫ରୁ କାର୍ଯ୍ୟକାରୀ ହେଉଥିବା ମାସିକ ଛାତ୍ର ବୃତ୍ତି ଟଙ୍କା ଆକାରରେ :-

ସ୍ନାତକ ଏବଂ ସ୍ନାତକୋତ୍ତର (ଏମ୍‌ଫିଲ/ ପିଏଚଡି/ ମେଡିକାଲ ଇଞ୍ଜିନିୟରିଂ/ ଟେକ୍/କୃଷି ଓ ଅନ୍ୟାନ୍ୟ କୋର୍ସ) ର ହଷ୍ଟେଲ ଛାତ୍ର ଛାତ୍ରୀଙ୍କୁ ୭୪୦ ଟଙ୍କା

ଅନ୍ୟାନ୍ୟ ଯାନ୍ତ୍ରିକ ଓ ବୃତ୍ତିଗତ କୋର୍ସ

ସ୍ନାତକୋତ୍ତର ଯେଉଁଗୁଡିକ ଉପରଲିଖିତରେ ଯାଇନାହିଁ ଯଥା: ସି.ଏ./ ଆଇସିଡବ୍ଲୁଏ/ସି.ଏସ. ଇତ୍ୟାଦି ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଡିପ୍ଲୋମା ସାର୍ଟିଫିକେଟ କୋର୍ସ)ର ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀମାନଙ୍କୁ ୭୪୦ ଟଙ୍କା

ଅନ୍ୟାନ୍ୟ ସ୍ନାତକ ବା ତଦୁପରିସ୍ଥ ଡିଗ୍ରୀ ଯାହା ଉପର ଦୁଇ ଗ୍ରେଡରେ ଯାଇନାହିଁ , ସେହି ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ୫୧୦ ଟଙ୍କା

ଏକାଦଶ ଓ ଦ୍ୱାଦଶ (୧୦+୨) ଆଇଟିଆଇ/ ଧନ୍ଦାମୂଳକ ଶିକ୍ଷା (ନିମ୍ନତମ ଯୋଗ୍ୟତା ମାଟ୍ରିକ)ର

ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ୨୩୫ ଟଙ୍କା   ଦିବାଧାୟୀ ଛାତ୍ରଛାତ୍ରୀଙ୍କୁ ୧୪୦ ଟଙ୍କା ।

ଛାତ୍ର/ଛାତ୍ରୀ ଆଦିବାସୀ ହରିଜନ କଲ୍ୟାଣ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ବିଭାଗ ଦ୍ୱାରା ପରିଚାଳିତ ପରିଚାଳିତ ବିଦ୍ୟାଳୟ ବିଦ୍ୟାଳୟ ବାଳକ ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କୁ ୫୦୦ ୧୦ମାସ ପାଇଁ ୫୦୦ଟଙ୍କା ହିସାବରେ ୧୦ମାସ ପାଇଁ

ବାଳିକା ଅନ୍ତେବାସିନୀ ମାସକୁ ୫୩୦ଟଙ୍କା ହିସାବରେ ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ମାସକ ୧୦ମାସ ପାଇଁ ୫୦୦ଟଙ୍କା ହିସାବରେ ୧୦ମାସ ପାଇଁ ।

**ସମସ୍ତେ ପଢ଼ିବା**

**ଆଗକୁ ବଢ଼ିବା**

# ଭୂମି (ଚାଷ ଜମି ଯୋଜନା)

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ପରିତ୍ୟକ୍ତ ଜମିକୁ ଚାଷପାଇଁ ଆଦିବାସୀ ଓ ହରିଜନ ଲୋକଙ୍କୁ ଦେବାର ଏକ ପ୍ରକ୍ରିୟା ରାଜ୍ୟ ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଜାରି ରଖିଛନ୍ତି । ଏଥିରେ ପ୍ରତ୍ୟେକ ପରିବାରକୁ ଏକ ଏକର ଜମି ଦିଆଯାଏ । |
| *ହିତାଧିକାରୀଙ୍କ ଯୋଗ୍ୟତା* | ପ୍ରତ୍ୟେକ ଗରିବ ହରିଜନ/ ଆଦିବାସୀ ପରିବାର |
| *ଆବେଦନ ପ୍ରଣାଳୀ* | ତହସିଲଦାର/ ଆର୍‌ଆଇଙ୍କ ପାଖରେ ଆବେଦନ କରାଯାଏ । |
| *ଚିହ୍ନଟ ପ୍ରକ୍ରିୟା* | ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ଦ୍ୱାରା ହିତାଧିକାରୀ ଚିହ୍ନଟ କରାଯାଇଥାଏ । |
| *ସାହାଯ୍ୟର ପରିମାଣ* | ଏକ ଏକର । |
| *ଅଭିଯୋଗ ଦାଖଲ* | ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରାଯାଇପାରିବ । |

# ସିଲିଂ ବହିର୍ଭୂତ ଚାଷଜମି ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଦ୍ୱାରା ସମସ୍ତ ଭୂମିହୀନ ହରିଜନ /ଆଦିବାସୀ ଗରିବ ପରିବାରଙ୍କୁ ସିଲିଂ ବହିର୍ଭୂତ ଚାଷଜମି ଆବଣ୍ଟିତ ହେବାର ଏକ ଯୋଜନା ରହିଛି । ଏଥିରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୭୦ଡିସିମିଲ ଜମି ଦିଆଯିବାର ବ୍ୟବସ୍ଥା ରହିଛି । |
| *ହିତାଧିକାରୀଙ୍କ ଯୋଗ୍ୟତା* | ସମସ୍ତ ଭୂମିହୀନ/ଆଦିବାସୀ ପରିବାର |
| *ଆବେଦନ ପ୍ରଣାଳୀ* | ତହସିଲ୍‌ଦାର/ଆର୍‌ଆଇଙ୍କ ପାଖରେ । |
| *ଚିହ୍ନଟ ପ୍ରକ୍ରିୟା* | ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ଦ୍ୱାରା ହିତାଧିକାରୀ ଚିହ୍ନଟ କରାଯାଇଥାଏ । |
| *ସାହାଯ୍ୟର ପରିମାଣ* | ୭୦ ଡେସିମିଲ୍ । |
| *ଅଭିଯୋଗ ଦାଖଲ* | ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରାଯାଇପାରିବ । |

# ଘରଡିହ ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ପ୍ରତ୍ୟେକ ଆଦିବାସୀ ଓ ହରିଜନ ବାସଗୃହ ହୀନ ପରିବାରଙ୍କୁ ୪ ଡେସିମିଲ ବାସପୋଯୋଗୀ ଜମି ବିନା ପଇସାରେ ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ଦ୍ୱାରା ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି । |
| *ହିତାଧିକାରୀଙ୍କ ଯୋଗ୍ୟତା* | ସମସ୍ତ ବାସଗୃହହୀନ ଆଦିବାସୀ ଓ ହରିଜନ ପରିବାର |
| *ଆବେଦନ ପ୍ରଣାଳୀ* | ତହସିଲଦାର / ଆର୍ଆଇ । |
| *ଚିହ୍ନଟ ପ୍ରକ୍ରିୟା* | ସମସ୍ତ ବାସଗୃହହୀନ ଆଦିବାସୀ ଓ ହରିଜନ ପରିବାର |
| *ସାହାଯ୍ୟର ପରିମାଣ* | ୪ ଡେସିମିଲ ଘରଡିହ । |
| *ସାହାଯ୍ୟକାରୀ ଅଧିକାରୀ* | ତହସିଲଦାର । |
| *ଅଭିଯୋଗ ଦାଖଲ* | ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇପାରିବ । |



# ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ
## (ଓ.ଟି.ଇ.ଏଲ୍.ପି)

*ଯୋଜନାର ଉଦ୍ଦେଶ୍ୟ*

ଆଦିବାସୀ ପରିବାରଗୁଡ଼ିକର ଜୀବିକା ନିର୍ବାହ ଓ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଏହା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । କେତୋଟି ଆନ୍ତର୍ଜାତିକ ସଂସ୍ଥା ଭାରତ ଓ ଓଡ଼ିଶା ସରକାରଙ୍କର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏଥର ଉଦ୍ଦେଶ୍ୟ ହେଲା :-

ବ୍ୟକ୍ତିବିଶେଷରେ ଛୋଟ ଛୋଟ ଦଳ ଏବଂ ଗ୍ରାମ୍ୟ ସ୍ତରୀୟ ଅନୁଷ୍ଠାନର ଦକ୍ଷତା ବୃଦ୍ଧି କରିବା ।

ଗରିବ ଆଦିବାସୀ, ଜଳ, ଜମି ଓ ଜଙ୍ଗଲକୁ ପାଇବା ଏବଂ ତାହାର ସଦୁପଯୋଗ କରି ଉତ୍ପାଦନ କ୍ଷମତାରେ



ଅଭିବୃଦ୍ଧି କରିବା ସହିତ ପ୍ରାକୃତିକ ସମ୍ପଦର ଚିରସ୍ଥାୟିତ୍ୱ ଏବଂ ସାମାଜିକ କ୍ଷେତ୍ରରେ ସମାନତା ଆଣିବା ନିମନ୍ତେ ପ୍ରୋତ୍ସାହନ କରିବା ।

ଗରିବ ଆଦିବାସୀମାନଙ୍କର ଆବଶ୍ୟକ ଅନୁଯାୟୀ ଅଣକୃଷିଜାତ କ୍ଷୁଦ୍ର ବ୍ୟବସାୟ ପାଇଁ ସହଯୋଗ ଏବଂ ଉତ୍ସାହିତ କରିବା ।

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଥିବା ଖାଦ୍ୟ ପଦାର୍ଥ ଜନିତ ବ୍ୟବସ୍ଥାଗୁଡ଼ିକ କିପରି ଠିକ୍ ଭାବରେ ସେମାନଙ୍କ ପାଖରେ ପହଞ୍ଚିବ, ତାହା ତଦାରଖ କରିବା ।

ଆଦିବାସୀ ଅଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସରକାରୀ ଅନୁଷ୍ଠାନ, ପଞ୍ଚାୟତରାଜ ବିଭାଗ, ଏନ୍.ଜି.ଓ. ଏବଂ ନାଗରିକ ସମାଜ (ସିଭିଲ୍ ସୋସାଇଟି) ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧିକୁ ସୁଦୃଢ଼ କରିବା ।

ଆଦିବାସୀମାନଙ୍କର ପାରମ୍ପରିକ ଜ୍ଞାନ, କୌଶଳ ଏବଂ ମୂଲ୍ୟବୋଧ ସହିତ ନୂତନ ଯାନ୍ତ୍ରିକ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନକୁ ଉନ୍ନତିକରଣ ଦିଗରେ ବିନିଯୋଗ ପାଇଁ ପ୍ରୋତ୍ସାହନ କରିବା ।

ବିଶେଷରୂପେ ଏହି ଯୋଜନା ୭ ଜିଲ୍ଲା ଯଥା:- କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଜପତି, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ୪ଟି ଜିଲ୍ଲା ଯଥା

:- କୋରାପୁଟ, କନ୍ଧମାଳ, କଳାହାଣ୍ଡି ଓ ଗଜପତି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।

***ଯୋଜନାର ରୂପରେଖ***

ଯେଉଁଠାରେ ଅଧିକାଂଶ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଥିବେ ଏବଂ ଗ୍ରାମର ସବୁଦାୟ ଲୋକସଂଖ୍ୟା ମଧ୍ୟରୁ ଆଦିବାସୀ ଓ ହରିଜନମାନଙ୍କର ସଂଖ୍ୟା ୬୦ ଶତକଡ଼ାରୁ କମ୍ ହୋଇନଥିବ, ସେହିଭଳି ଗ୍ରାମଗୁଡ଼ିକ ଏହି ଯୋଜନାର ଅଧିନରେ ଅନ୍ତର୍ଭୁକ୍ତ ହୋଇପାରିବ ।

ସ୍ଥିରୀକୃତ ହୋଇଥିବା ଗ୍ରାମଗୁଡ଼ିକର ଲୋକମାନେ କ୍ଷୁଦ୍ର ଜଳ ବିଭାଜିକା ଅଧିନରେ ଆସୁଥିଲେ, ତାହା ଏହି ଯୋଜନା ଅଧିନରେ ଅନ୍ତର୍ଭୁକ୍ତ ହୋଇପାରିବ ।

ଏହି ଯୋଜନା ଅଧିନରେ ଗ୍ରାମବାସୀଙ୍କର ଦକ୍ଷତା ବୃଦ୍ଧି ସହିତ ଯୋଜନା ପ୍ରସ୍ତୁତି ନିମନ୍ତେ ସହଯୋଗ ଜୀବିକା ନିର୍ବାହ ପାଇଁ ଜ୍ଞାନ କୌଶଳ, ଆର୍ଥିକ ଉନ୍ନତିକରଣ ଓ ଯୋଜନା ପରିଚାଳନା ପ୍ରଭୃତି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ଗରିବ ଲୋକମାନଙ୍କର ଜୀବିକା ନିର୍ବାହ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଏହି ଯୋଜନାରେ ନିଆଯାଇଥାଏ ।

ଜମି ଏବଂ ଜଳ ପରିଚାଳନା

ନଷ୍ଟ ହୋଇଯାଉଥିବା ଜଙ୍ଗଲ ଜମିକୁ ମିଳିତ ଜଙ୍ଗଲ ପରିଚାଳନା ମାଧ୍ୟମରେ ପୁନରୁଦ୍ଧାର, ଲଘୁବନଜାତ ଦ୍ରବ୍ୟର ଉନ୍ନତିକରଣ ଏବଂ ବଜାର ବ୍ୟବସ୍ଥା ।

କୃଷି ଉତ୍ପାଦନ ଦ୍ରବ୍ୟର ଉନ୍ନତିକରଣ ।

ଗୋପାଳନର ଉନ୍ନତି ।

ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ସଞ୍ଚୟ ଦଳଗୁଡ଼ିକ ଯେପରି ଗ୍ରାମ୍ୟ ଆର୍ଥିକ ସେବାକୁ ପାଇପାରିବେ, ସେଥି ନିମନ୍ତେ ଉନ୍ନତି କରିବା ଏବଂ ଅନୁଦାନପ୍ରାପ୍ତ ଆର୍ଥିକ ଅନୁଷ୍ଠାନ ସହ ସଂଯୋଗ କରିବା ।

ଗ୍ରାମାଞ୍ଚଳରେ ଥିବା ମୁଖ୍ୟ ଭିତ୍ତିଭୂମି (ପିଇବା ପାଣି, ଗ୍ରାମ୍ୟ ରାସ୍ତାରେ ଉନ୍ନତିକରଣ ଇତ୍ୟାଦି) ଗୁଡ଼ିକର ବ୍ୟବଧାନ ଦୂର କରିବା ପାଇଁ ଗ୍ରାମ୍ୟ ଭିତ୍ତିଭୂମିର ଉନ୍ନତିକରଣ ଏବଂ ଆବଶ୍ୟକ ଆର୍ଥିକ (କାର୍ଯ୍ୟସ୍ଥଳୀ, ଗୋଦାମ ଗୃହ, କଳ ଇତ୍ୟାଦି) ଓ ସାମାଜିକ ଭିତ୍ତିଭୂମି ( ଗୋଷ୍ଠୀ ଗୃହ) ପ୍ରଦାନ କରିବା ।






# ସି.ୱାଇ.ଏସ୍.ଡି

ଇ-୧, ଇନ୍ଷ୍ଟିଚ୍ୟୁସନାଲ୍ ଏରିଆ

ଗଂଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୧୩

ଦୂରଭାଷ : ୦୬୭୪-୨୩୦୧୭୨୫, ୨୩୦୦୭୭୪, ଫ୍ୟାକ୍ସ : ୦୬୭୪-୨୩୦୧୨୨୬

**Email : cysdbbsr@sancharnet.in, Website : www.cysd.org**